## ସମନ୍ୱିତ କୃଷି ଦ୍ୱାରା ଆୟ ବୃଦ୍ଧି : ଏକ ଉଦାହରଣ

ସମନ୍ୱିତ କୃଷି/ମିଶ୍ରିତ କୃଷି ପଦ୍ଧତିରେ ଚାଷୀ କୌଣସି ଏକ ପ୍ରକାର କୃଷି ଉପରେ ନିର୍ଭର ନରହି ବିଭିନ୍ନ ପ୍ରକାରର କୃଷି ପଦ୍ଧତିକୁ ଆପଣେଇଥା'ନ୍ତି । ପାରମ୍ପରିକ କୃଷି ଯେପରିକି ଧାନ ଓ ଅନ୍ୟାନ୍ୟ ଶସ୍ୟ ସହ ଗୋପାଳନ, ମତ୍ସ୍ୟ ପାଳନ, ପନିପରିବା ଇତ୍ୟାଦି ଚାଷ ଦ୍ୱାରା ଆୟ ବୃଦ୍ଧି ହେବା ସହ ପ୍ରତିକୂଳ ପାଣିପାଗ ଦ୍ୱାରା କ୍ଷତିର ପରିମାଣ କମ୍ ରହିଥାଏ । ଜଗନ୍ନାଥ ପ୍ରସାଦ ବ୍ଲକ୍ ଅନ୍ତର୍ଗତ ଏକ ଘରିଆ ଗ୍ରାମର ଶ୍ରୀ ବସନ୍ତ ସାହୁ ଏହିପରି ସମନ୍ୱିତ କୃଷି ପଦ୍ଧତି ଆପଣେଇବା ଦ୍ୱାରା ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି । ସମନ୍ୱିତ କୃଷି ଆପଣେଇବା ପୂର୍ବରୁ ବସନ୍ତ ସାହୁ କେବଳ ଧାନ ଓ ଆଖୁ ଚାଷ ଦ୍ୱାରା ବାର୍ଷିକ ୨-୩ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିଲେ । ତେବେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ତାଲିମ ପାଇବା ପରେ ସେ ଏବେ ମତ୍ସ୍ୟ ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ଓ ଗୋପାଳନ ଆରମ୍ଭ କରିଛନ୍ତି । ଏହାଦ୍ୱାରା ସେ ନିଜ ଜମିରେ ଥିବା କୃଷି ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ସହ ନିଜର ଆୟ ମଧ୍ୟ ବୃଦ୍ଧି କରିପାରିଛନ୍ତି । କୃଷିଜାତ ବର୍ଜ୍ୟବସ୍ତୁକୁ କୁକୁଡ଼ା ଓ ଗୋପାଳନରେ ଖାଦ୍ୟ ରୂପେ ବ୍ୟବହାର କରିବା ସହ କୁକୁଡ଼ା ଓ ଗୋପାଳନର ବର୍ଜ୍ୟବସ୍ତୁକୁ ସାର ହିସାବରେ ବ୍ୟବହାର କରିପାରୁଛନ୍ତି । ସେହିପରି ମତ୍ସ୍ୟ ପାଳନରେ କୃଷି ଓ ପ୍ରାଣୀଜାତ ବର୍ଜ୍ୟବସ୍ତୁ ବ୍ୟବହାର କରି ଖାଦ୍ୟ ଖର୍ଚ୍ଚ କମାଇ ପାରିଛନ୍ତି । ବର୍ତ୍ତମାନ ସେ ବାର୍ଷିକ ଧାନ, ଆଖୁ ଓ ମିଠାମକାରୁ ହାରାହାରି ୩ ଲକ୍ଷ, ପନିପରିବାରୁ ୧ ଲକ୍ଷ, ଗୋପାଳନ ଓ କୁକୁଡ଼ାରୁ ୧.୫ ଲକ୍ଷ ଓ ମତ୍ସ୍ୟ ଚାଷରୁ ୨ ଲକ୍ଷ ଆୟ ପାଇପାରୁଥିବା ତାଙ୍କର ଏହି ସୁଉଦ୍ୟମକୁ ଦେଖି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ପୁରସ୍କୃତ କରାଯାଇଛି ।



## ଜୈବିକ ପୋଷଣଯୁକ୍ତ କନ୍ଦମୂଳର ସଫଳ କ୍ଷେତ୍ର ପ୍ରଦର୍ଶନ

ଗ୍ରାମୀଣ ମହିଳା ଓ ଶିଶୁ ମାନଙ୍କର ଜୀବସାର 'କ'ର ଅଭାବ ଦୂରୀକରଣ ପାଇଁ ଭିଟାମିନ୍ କ ଯୁକ୍ତ କନ୍ଦମୂଳ କିସମ "ଭୁ ସୋନା"ର ସଫଳ କ୍ଷେତ୍ର ପ୍ରଦର୍ଶନ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଅଧୀନରେ ଥିବା ବିଭିନ୍ନ ଗ୍ରାମ ଯଥା ଲୁନିଝୋଲା, ମଳାସପଦର ଏବଂ ଝାଟିକାପଲ୍ଲି ଇତ୍ୟାଦି ଗ୍ରାମର ୧୦ ଜଣ ମହିଳାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପ୍ରଦର୍ଶନରେ ଏହାର ଅମଳ ହେକ୍ଟର ପିଛା ୧୭.୨ ଟନ୍ ହୋଇଥିଲା । ଏହା ବିଟା କ୍ୟାରୋଟିନ୍ ଯୁକ୍ତ ହୋଇଥିବାରୁ ଚାଷୀମାନେ ତାହାକୁ ଭୋଜନରେ ବହୁଳ ଅନ୍ତର୍ଭୁକ୍ତ କରିଥିଲେ । ଏହି କିସମର ସହନଶୀଳ ଗୁଣ ଅଧିକ ଥିବାରୁ ଚାଷୀମାନଙ୍କ ପାଖରେ ଏହା ବହୁଳ ଭାବେ ଆଦୃତ ହେଉଛି ।



## ପୋଷଣ ବାଟିକା ଓ ବୃକ୍ଷରୋପଣ ମହାଅଭିଯାନ



ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ପୋଷଣ ବାଟିକା ଓ ବୃକ୍ଷରୋପଣ ମହାଅଭିଯାନ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୋଷଣ ବାଟିକା ଓ କୁପୋଷଣ ନିରାକରଣ ବିଷୟରେ ଆଲୋକପାତ କରିଥିଲେ । କୃଷି ବିଭାଗର ସହକାରୀ କୃଷି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୋଷଣ ବଗିଚା ମାଧ୍ୟମର ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ହାସଲ କରିହେବ ବୋଲି ବ୍ୟକ୍ତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରି ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ଗୋଷ୍ଠି ପୋଷଣ ବଗିଚା ସୃଷ୍ଟି କରିବାକୁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । ପରିଶେଷରେ IFFCO ଦ୍ୱାରା ପ୍ରାୟୋଜିତ ୧୦୦ଟି ମଞ୍ଜି କିଟ୍ ବଣ୍ଟନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ଫଳଚାରା ଚାଷୀମାନଙ୍କୁ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ୧୦୦ ଜଣ ଚାଷୀ ଭାଇ ଭଉଣୀମାନେ ଯୋଗ ଦେଇଥିଲେ ।

## ବିଶ୍ୱ ଖାଦ୍ୟ ଦିବସ




ଚଳିତ ବର୍ଷ ଅକ୍ଟୋବର ମାସ ୧୬ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବୈଜ୍ଞାନିକ ମାନେ ଯୋଗ ଦେଇ ପନିପରିବା ଚାଷ, ଗୋପାଳନ, କୁକୁଡ଼ା ପାଳନ, ଛତୁଚାଷ ଏବଂ ପାକଶାଳା ବଗିଚା ମାଧ୍ୟମରେ ପରିବାରରେ ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ଆସିପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଗୃହ ବିଭାଗର ବୈଜ୍ଞାନିକ ପୋଷଣ ବଗିଚା ପ୍ରସ୍ତୁତ ଏବଂ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ବାବଦରେ ଏହାର ଭୂମିକା, କୁପୋଷଣ ଏବଂ ସୁଷମ ଖାଦ୍ୟ ଇତ୍ୟାଦି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଆଖପାଖ ଗ୍ରାମର ୫୦ ଜଣ ଚାଷୀ ଯୋଗ ଦେଇଥିଲେ ଏବଂ ପୋଷଣ ବଗିଚା ପ୍ରସ୍ତୁତ ନିମନ୍ତେ ପ୍ରତ୍ୟେକଙ୍କୁ ଏକ ମଞ୍ଜି କିଟ୍ ପ୍ରଦାନ କରାଯାଇଥିଲା ।

This Newsletter is published & Owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvkganjam1.ouat@gmail.com, Web : www.ganjamkvkzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003




ତ୍ରୟୋଦଶ ବର୍ଷ | ଜୁଲାଇ-ଡିସେମ୍ବର ୨୦୨୧ | ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା

## ବାର୍ତ୍ତା



ଆମ ରାଜ୍ୟର ଅଧିକାଂଶ ଲୋକ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଚାଷ କ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ-ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀଭାଇମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ (ଭଞ୍ଜନଗର) ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୂଲ୍ୟା" ଏକ ଆଲୋକ ବର୍ତ୍ତିକା ସଦୃଶ । ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ, ଚାଷୀଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ମୋର ଆଶା ଓ ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷି ଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ, ଯୁବତୀ, କୃଷିଜୀବି ଓ କୃଷି ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୂଲ୍ୟା"ର ସଫଳ କାମନା କରୁଛି ।

ପ୍ରଶାନ୍ତ କିଶୋର ମିଶ୍ର

**ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

## ସମ୍ପାଦନା

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ**
ଡଃ ସୁତନ୍ତୁ କୁମାର ଶତପଥୀ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

**ସମ୍ପାଦନା ମଣ୍ଡଳୀ**
ଡଃ ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ଡଃ ବିଷ୍ଣୁପଦ ଗିରି
ଶ୍ରୀମତୀ ଅନୀତା ପାତ୍ର
ଡଃ ସିଦ୍ଧାର୍ଥ ରଣବିଜୁଳୀ
ଡଃ ସତ୍ୟବ୍ରତ ମଙ୍ଗରାଜ
ଶ୍ରୀ ଶିତିକଣ୍ଠ ମିଶ୍ର

## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ସମାଚାର ପତ୍ରିକା ଋଷିକୁଲ୍ୟାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନିତ କରାଯାଇଛି । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି ଓ ଆନୁଷଙ୍ଗିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଆମର କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟକରି ଜିଲ୍ଲାକୁ ଏକ ସର୍ବୋତ୍କୃଷ୍ଟ ଜିଲ୍ଲାରେ ପରିଣତ କରିବାକୁ ସର୍ବଦା ଚେଷ୍ଟିତ । କୃଷକ, କୃଷିଜୀବି ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ ଆମର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନକୌଶଳ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରଚେଷ୍ଟା ଓ କୃଷକମାନଙ୍କର ଅକ୍ଳାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମ୍ଭର ଆଶାକୁ ପୂରଣ କରିବ । ଋଷିକୁଲ୍ୟା ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ।

ସୁତନ୍ତୁ କୁମାର ଶତପଥୀ

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**
**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧**

ଋଷିକୁଲ୍ୟା

## ବୁଣାଧାନରେ ଘାସମରାର କ୍ଷେତ୍ର ପରୀକ୍ଷଣ

ସାଂପ୍ରତିକ ଜଳବାୟୁ ପରିବର୍ତ୍ତନକୁ ନଜର ରଖି ଚାଷୀଭାଇମାନେ ରୁଆଧାନ ବଦଳରେ ବୁଣାଧାନ ଚାଷକୁ ଆପଣାଉଛନ୍ତି । ବୁଣାଧାନର ଅମଳ ରୁଆ ଧାନ ଅମଳ ସହ ଆପାତତଃ ସମାନ ଥାଏ । ଗଞ୍ଜାମ ଜିଲ୍ଲାରେ ପ୍ରାୟତଃ ୩୨,୦୦୦ ହେକ୍ଟର ଜମିରେ ବୁଣାଧାନ ଚାଷ ହୋଇଥାଏ । କିନ୍ତୁ ବୁଣାଧାନ ଚାଷରେ ମୁଖ୍ୟ ସମସ୍ୟା ହେଉଛି ଘାସ ପ୍ରାଦୁର୍ଭାବ । ଘାସ ସମସ୍ୟାକୁ ନଜରରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ବୁଣାଧାନରେ ଘାସମରାର କ୍ଷେତ୍ର ପରୀକ୍ଷଣ ୨୦୨୦-୨୧ ରୁ ଆରମ୍ଭ କରିଥିଲା । ୨୦୨୧-୨୨ ଖରିଫ୍ ଋତୁରେ ଗଞ୍ଜାମ ଜିଲ୍ଲାର ମଳାସପଦର, ଦିହୁଡ଼ିବଞ୍ଜର, ଶିଶୁଣ୍ଡା ଗ୍ରାମରେ ସାତ ଜଣ ଚାଷୀକୁ ନେଇ ୧ ହେକ୍ଟର ଜମିରେ ଘାସମରା କ୍ଷେତ୍ର ପରୀକ୍ଷଣ ଅନୁଷ୍ଠିତ ହୋଇଥିଲା । ଚାଷୀମାନେ ସାଧାରଣତଃ ଘାସକୁ ହାତରେ ବାଛୁଥିବା ବେଳେ ଦୁଇଟି ଜ୍ଞାନକୌଶଳ - ପାଇରାଜୋସଲ୍ଫ୍ୟୁରନ୍ (୨୦ ଗ୍ରାମ୍/ହେକ୍ଟର) ୦.୩ ଦିନ ମଧ୍ୟରେ + ବିସପାଇରିବାକ୍ ସୋଡିୟମ୍ (୨୫ ଗ୍ରାମ୍/ହେକ୍ଟର) ୨୫ ଦିନ ମଧ୍ୟରେ ଏବଂ ବିସପାଇରିବାକ୍ ସୋଡ଼ିୟମ୍ ୭ ଦିନ ମଧ୍ୟରେ + ଏଥୋକ୍ସିସଲ୍ଫ୍ୟୁରନ୍ ୨୧ ଦିନ ମଧ୍ୟରେ (୧୫ ଗ୍ରାମ୍/ହେକ୍ଟର) ପ୍ରୟୋଗ କରାଯାଇଥିଲା । ପରୀକ୍ଷଣରୁ ଜଣା ପଡ଼ିଥିଲା କି ବିସ୍‌ପାଇରିବାକ୍ ସୋଡ଼ିୟମ୍ + ଏଥୋକ୍ସିସଲ୍ଫ୍ୟୁରନ୍ ଦ୍ୱାରା ୮୬.୫ % ଘାସ ଦମନ ହୋଇଥିବା ବେଳେ ଅମଳ ହାତରେ ଘାସ ବାଛିବା ଅପେକ୍ଷା ୨୦.୬ % ଅଧିକ ଅମଳ ହୋଇଥିଲା ।



## ଅଧିକ ଅମଳକ୍ଷମ ମାଣ୍ଡିଆ ବିହନର କ୍ଷେତ୍ର ପ୍ରଦର୍ଶନ

ପାରମ୍ପରିକ କୃଷିରେ ଲଘୁଶସ୍ୟ ଚାଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ । ଅନୁର୍ବର ମାଟି, ଶୁଷ୍କ ଜଳବାୟୁ, ସ୍ୱଳ୍ପ ଜଳରେ ଲଘୁଶସ୍ୟ ଚାଷ ହୋଇଥିବାରୁ ଏହା ଚାଷୀମାନଙ୍କ ନିକଟରେ ଖୁବ୍ ଆଦୃତ । ଲଘୁଶସ୍ୟମାନଙ୍କ ମଧ୍ୟରେ ମାଣ୍ଡିଆ ଏକ ଲାଭଜନକ ଶସ୍ୟ ଅଟେ । ମାଣ୍ଡିଆକୁ ପ୍ରଥମେ ଗରିବମାନଙ୍କ ଖାଦ୍ୟଭାବେ ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ମାଣ୍ଡିଆ ନିଜର ପୁଷ୍ଟିକର ଗୁଣାବଳୀ ପାଇଁ ସମସ୍ତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଆଦୃତ । ଗଞ୍ଜାମ ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରାୟତଃ ୪୨ ହଜାର ହେକ୍ଟର ଜମିରେ ଚାଷ ହୋଇ ହାରାହାରି ଭାବେ ହେକ୍ଟର ପିଛା ୯୩୦ କେ.ଜି. ଅମଳ ମିଳିଥାଏ । ମାଣ୍ଡିଆର ଗୁରୁତ୍ୱକୁ ଆଖିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ଅଧିକ ଅମଳକ୍ଷମ ବିହନ "ଅର୍ଜୁନ"ର କ୍ଷେତ୍ର ପ୍ରଦର୍ଶନ ୨୦୨୧ ଖରିଫ୍ ଋତୁରେ ଆରମ୍ଭ କରିଥିଲା । ଦିହୁଡ଼ିବଞ୍ଜର, ସମରବନ୍ଧ, ଗୁଡ଼ିଆମ୍ବା ଗ୍ରାମର ୨୦ ଜଣ ଚାଷୀଙ୍କୁ ନେଇ ୪ ହେକ୍ଟର ଜମିରେ ଅର୍ଜୁନ ବିହନ ଚାଷ ହୋଇଥିଲା । ଅର୍ଜୁନ ବିହନର ଅବଧି ୧୦୫-୧୧୫ ଦିନ ଓ ଅମଳ ହାରାହାରି ୨୦-୨୪ କ୍ୱିଣ୍ଟାଲ ହେକ୍ଟର ପ୍ରତି ହୋଇଥାଏ । ପାରମ୍ପରିକ ବିହନ ଅପେକ୍ଷା ଅର୍ଜୁନର ପ୍ରଦର୍ଶନ ଭଲ ରହିଥିଲା । ପାରମ୍ପରିକ ବିହନ ଅପେକ୍ଷା ଅର୍ଜୁନ ବିହନରେ ଥୋଲା ପ୍ରତି ୧୧ଟି ଆଙ୍ଗୁଠି ଓ ଅମଳ ହାରାହାରି ୮୧% ପ୍ରତିଶତ ଅଧିକ ମିଳିଥିଲା ।



## ଖମ୍ବଆଳୁ ଫସଲରେ ଡଙ୍କପଚା (ଆନ୍ଥ୍ରାକ୍ସନୋଜ୍) ରୋଗର ପରିଚାଳନା



ଖମ୍ବଆଳୁ ଫସଲ ଗଞ୍ଜାମ ଜିଲ୍ଲାରେ ୩୨୦୦ ହେକ୍ଟର ଜମିରେ ଚାଷ ହୋଇଥାଏ ଓ ଖମ୍ବଆଳୁକୁ ଆକ୍ରମଣ କରୁଥିବା ରୋଗ, ପୋକ ମଧ୍ୟରେ ଡଙ୍କପଚା (ଆନ୍ଥ୍ରାକ୍ନୋଜ) ରୋଗ ଏକ ମୁଖ୍ୟ ସମସ୍ୟା । ଡଙ୍କ ପଚା ରୋଗ ଯୋଗୁଁ ଅମଳ ୧୫ ରୁ ୨୦ ପ୍ରତିଶତ ହ୍ରାସ ପାଇଥାଏ । ଏହି ସମସ୍ୟାର ପରିଚାଳନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର, ଗଞ୍ଜାମ-୧ ତରଫରୁ ଏକ କ୍ଷେତ୍ର ପ୍ରଦର୍ଶନ ପଦ୍ମପୁର, ତାଳରଡ଼ା, କାଚଖଣ୍ଡି ଗ୍ରାମରେ କରାଯାଇଥିଲା । ଖମ୍ବଆଳୁ ଖଣ୍ଡକୁ କାର୍ବାଣ୍ଡାଜିମ୍ (୨ ଗ୍ରାମ୍/ଲିଟର)ରେ ବିଶୋଧନ କରି ଲଗାଯାଇଥିଲା । ଟ୍ରାଇକୋଡର୍ମା ଫିମ୍ପିନାଶକକୁ ଖତରେ ମିଶାଇ ଜମିରେ ପ୍ରୟୋଗ କରାଯାଇଥିଲା । ପ୍ରତି ୨୦ ଦିନ ବ୍ୟବଧାନରେ ୪ ଥର କାର୍ବାଣ୍ଡାଜିମ୍ (୨ ଗ୍ରାମ୍/ଲିଟର) ସିଞ୍ଚନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ଡଙ୍କପଚା (ଆନ୍ଥ୍ରାକ୍ନୋଜ) ରୋଗ ୭୫ ପ୍ରତିଶତ କମିଥିଲା ଓ ଅମଳ ୨୩୮ କ୍ୱିଣ୍ଟାଲ/ହେକ୍ଟର ହୋଇଥିଲା, ଯାହାକି ପାରମ୍ପରିକ ପଦ୍ଧତି (କାର୍ବେଣ୍ଡାଜିମ୍ + ମାନ୍‌କୋଜେବ୍) ଅପେକ୍ଷା ୧୧ ପ୍ରତିଶତ ଅଧିକ ହୋଇଥିଲା ।

## ପୁଷ୍ଟି ବଗିଚାର କ୍ଷେତ୍ର ପ୍ରଦର୍ଶନ



ଘର ପାଖରେ ଥିବା ଅଳ୍ପ ଜାଗାକୁ ବିନିଯୋଗ କରି ବର୍ଷ ତମାମ ପନିପରିବା ଚାଷ କରି ପୁଷ୍ଟି ନିରାପତ୍ତା ହାସଲ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପୋଷ୍ୟଗ୍ରାମର ୧୦ ଜଣ ମହିଳାମାନଙ୍କୁ ପୁଷ୍ଟି ବଗିଚା ପ୍ରସ୍ତୁତ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନ କୌଶଳ ଦିଆଯାଇଥିଲା । ଏହା ବ୍ୟତୀତ ବିଭିନ୍ନ ପନିପରିବାର ଉନ୍ନତ କିସମର ଚାରା ଏବଂ ମଞ୍ଜି ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ମହିଳାମାନେ ଘରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ପାଇଁ ୨.୫ ରୁ ୩.୦ କେ.ଜି. ସତେଜ ପରିବା ପାଇପାରିଛନ୍ତି । ବଳକା ପନିପରିବା ବିକ୍ରି କରି କିଛି ରୋଜଗାର ମଧ୍ୟ କରିପାରିଛନ୍ତି । ପୁଷ୍ଟି ବଗିଚା ଦ୍ୱାରା ଏକ ପରିବାର ସବୁ ସମୟରେ ସୁଷମ ଖାଦ୍ୟ ପାଇପାରୁଛନ୍ତି ଏବଂ ସୁସ୍ଥ ରହିପାରୁଛନ୍ତି । ପୁଷ୍ଟି ବଗିଚା ପ୍ରାୟ ସମସ୍ତ ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ଆଦୃତ ହୋଇଛି ।

## ପାଳଛତୁ ଚାଷରେ ଆର୍ଦ୍ରତାର ପରିଚାଳନା



ଗଞ୍ଜାମ ଜିଲ୍ଲା ପାଳଛତୁ ଉତ୍ପାଦନରେ ଓଡ଼ିଶାର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏଠାରେ ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ଋତୁକାଳୀନ ପାଳଛତୁ ଚାଷ କରନ୍ତି । କିନ୍ତୁ ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ ପାଳଛତୁର ଉତ୍ପାଦନ କମିଯାଏ କାରଣ ଏହି ସମୟରେ ବାୟୁମଣ୍ଡଳର ତାପମାତ୍ରା ୪୦° ସେ.ରୁ ଅଧିକ ହୋଇଯାଏ ଏବଂ ଆର୍ଦ୍ରତା ମଧ୍ୟ କମିଯାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ଦ୍ୱାରା ବିଭିନ୍ନ ଗ୍ରାମରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ରଥମ ପରୀକ୍ଷା ଛତୁ ଚାଷ ଗୃହର ଚଟାଣରେ ୨ ଇଞ୍ଚ ବାଲି ବିଛାଇ ଏବଂ ଅଖାକୁ ଓଦା କରି ପରଦା ହିସାବରେ ଛତୁ ଗୃହରେ ବ୍ୟବହାର କରାଯାଇଥିଲା ଏବଂ ଦ୍ୱିତୀୟ ପରୀକ୍ଷଣରେ ୨ ଇଞ୍ଚ ବାଲି ଚଟାଣରେ ବିଛାଇ ଦିଆଯାଇଥିଲା ଏବଂ ଫଗର ମାଧ୍ୟମରେ ଜଳ ସିଞ୍ଚନ କରାଯାଇଥିଲା । ଏହାଦ୍ୱାରା ଜଣାଗଲା ଯେ ପାରମ୍ପରିକ ଉପାୟରେ ଛତୁ ଉତ୍ପାଦନ ବେଡ୍ ପ୍ରତି ୭୦୦ ଗ୍ରାମ୍ ହେଉଥିଲା ବେଳେ ଜୈବ ଦକ୍ଷତା ୭% ରହୁଥିଲା । କିନ୍ତୁ ପ୍ରଥମ ପରୀକ୍ଷଣରେ ଛତୁ ଉତ୍ପାଦନ ବେଡ୍ ପିଛା ୯୮୦ ଗ୍ରାମ୍ ହେଉଥିବା ବେଳେ ଜୈବ ଦକ୍ଷତା ୯.୮% ରହିଥିଲା । ସେହିପରି ଦ୍ୱିତୀୟ ପରୀକ୍ଷଣରେ ଛତୁ ଉତ୍ପାଦନ ବେଡ୍ ପିଛା ୧୧୦୦ ଗ୍ରାମ୍ ହେଉଥିବା ବେଳେ ଜୈବ ଦକ୍ଷତା ୧୧% ରହିଥିଲା । ଏହି ସବୁ ଜ୍ଞାନ କୌଶଳକୁ ମହିଳା ଛତୁଚାଷୀମାନେ ଆଗ୍ରହ ସହକାରେ ଗ୍ରହଣ କରିଛନ୍ତି ।

## ବିଭିନ୍ନ କିସମର ଧିଙ୍ଗିରି ଛତୁର କ୍ଷେତ୍ର ପରୀକ୍ଷଣ



ଶୀତ ଦିନରେ ଗଞ୍ଜାମ ଜିଲ୍ଲାର ଚାଷୀମାନେ ପ୍ରାୟତଃ ପ୍ଲୁରୋଟସ୍ ସଜର କାଜୁ କିସମର ଧିଙ୍ଗିରୀ ଛତୁ ଚାଷ କରିଥାନ୍ତି । କିନ୍ତୁ କମ୍ ଉତ୍ତାପରେ ଏହି ଛତୁ ଉତ୍ପାଦନ କମିଯାଏ । ଏହି ପରିପ୍ରେକ୍ଷୀରେ ୨ଟି ନୂଆ କିସମର ଛତୁରେ ପରୀକ୍ଷଣ କରାଯାଇଥିଲା ଯାହାକି କମ୍ ଉତ୍ତାପ (୧୦° ସେ.-୧୫° ସେ.)ରେ ମଧ୍ୟ ଚାଷ କରାଯାଇପାରିବ । ପ୍ରଥମ ପରୀକ୍ଷଣରେ ପ୍ଲୁରୋଟସ୍ ଅଷ୍ଟ୍ରେଇଟିସ୍ କିସମର ଛତୁ ଚାଷ କରାଯାଇଥିଲା ।ଏଥିରେ ବ୍ୟାଗ୍ ପିଛା ୧.୭ କେ.ଜି. ଉତ୍ପାଦନ ହୋଇଥିଲା ଏବଂ ଏହାର ଜୈବ ଦକ୍ଷତା ୮୦% ହୋଇଥଲା ଏବଂ ଦ୍ୱିତୀୟ ପରୀକ୍ଷଣରେ ହିପ୍‌ସିଜାଇଗସ୍ ଅଲ୍‌ମାରିୟମ୍ ବା ବ୍ଲୁ ଅଏଷ୍ଟର କିସମର ଛତୁ ଚାଷ କରାଯାଇଥିଲା । ଏଥିରେ ବ୍ୟାଗ୍ ପିଛା ୨.୧ କେ.ଜି. ଉତ୍ପାଦନ ହୋଇଥିଲା ଏବଂ ଏହାର ଜୈବ ଦକ୍ଷତା ୧୧୦% ଭାଗ ଥିଲା । କିନ୍ତୁ ଚାଷୀମାନେ ଚାଷ କରୁଥିବା କିସମର ବ୍ୟାଗପ୍ରତି ଉତ୍ପାଦନ ମାତ୍ର ୧.୫ କେ.ଜି. ହେଉଥିଲା । ବ୍ଲୁ ଅଏଷ୍ଟର କିସମର ଛତୁକୁ ଚାଷୀମାନେ ବହୁଳ ଭାବେ ଗ୍ରହଣ କରୁଛନ୍ତି କାରଣ ଏହି ଛତୁଟି ଅଧିକ ନରମ ଓ ସ୍ୱାଦିଷ୍ଟ ।

## ଭେଣ୍ଡି ଫସଲରେ ତୃଣନାଶକର ପ୍ରୟୋଗ

ଆମ ଜିଲ୍ଲାରେ ୪୨୭୩ ହେକ୍ଟର ଜମିରେ ଭେଣ୍ଡି ଚାଷ କରାଯାଏ । ବର୍ଷା ଋତୁରେ ଭେଣ୍ଡି ଚାଷରେ ଘାସ ସମସ୍ୟା ଅଧିକ ହୋଇଥାଏ । ଫସଲର ପ୍ରାରମ୍ଭିକ ଅବସ୍ଥାରେ ଘାସ ସମସ୍ୟା ଯୋଗୁଁ ଭେଣ୍ଡିର ବୃଦ୍ଧି ଓ ଉତ୍ପାଦନ ବାଧାପ୍ରାପ୍ତ ହୁଏ । ଏହା ବ୍ୟତୀତ ଫସଲରେ ଘାସବଛା ଖର୍ଚ୍ଚ ବଢ଼ିଯାଏ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଭଞ୍ଜନଗର ତରଫରୁ ଭେଣ୍ଡି ଫସଲରେ ତୃଣନାଶକର ବ୍ୟବହାର ଉପରେ ଏକ କ୍ଷେତ୍ର ପ୍ରଦର୍ଶନୀ ଆୟୋଜନ କରାଗଲା । ଭେଣ୍ଡି ବୁଣିବାର ୨ ରୁ ୩ ଦିନ ମଧ୍ୟରେ ପେଣ୍ଡିମିଥାଲିନ୍ ନାମକ ତୃଣନାଶକ ଲିଟରକୁ ୪ ମି.ଲି. ହିସାବରେ ମିଶାଇ ଓଦା ମାଟିରେ ସିଞ୍ଚନ କରାଗଲା । ଫସଲ ୧୫ ଦିନର ହୋଇଗଲେ କୁଇଜାଲୋଫପ୍ ଇଥାଇଲ ନାମକ ଏକ ତୃଣନାଶକ ପ୍ରତି ଲିଟର ପାଣିରେ ୨ ମି.ଲି. ମିଶାଇ ଘାସ ଉପରେ ସିଞ୍ଚନ କରାଗଲା । ଚାଷୀଙ୍କ କ୍ଷେତ୍ରରୁ ବର୍ଗମିଟର ପିଛା ୪୪୫ ଟି ଘାସ ଗଣନା କରାଯାଇଥିବା ବେଳେ ପ୍ରଦର୍ଶନୀ କ୍ଷେତ୍ରରେ ୩୦ଟି ଘାସ ଥିଲା । ପ୍ରଦର୍ଶନୀ କ୍ଷେତ୍ରରୁ ହେକ୍ଟର ପିଛା ୯୬ କ୍ୱିଣ୍ଟାଲ ଅମଳ ହୋଇଥିବା ବେଳେ ଚାଷୀଙ୍କ କ୍ଷେତ୍ରରୁ ୭୯ କ୍ୱିଣ୍ଟାଲ ଅମଳ ହୋଇଥିଲା ।



## ବାଇଗଣ ଫସଲର ବୀଜାଣୁ ପ୍ରତିରୋଧକ କିସମ 'ସ୍ୱର୍ଣ୍ଣ ଶ୍ୟାମଳୀ' କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ପ୍ରାୟ ୫୦୮୯ ହେକ୍ଟର ଜମିରେ ବାଇଗଣ ଚାଷ କରାଯାଏ । ଏହି ଫସଲରେ ହାରାହାରି ଉତ୍ପାଦିକତା ହାର ୧୨୪ କ୍ୱିଣ୍ଟାଲ/ଏକର ଅଟେ । ଝାଉଁଳା ରୋଗ ଏହି ଫସଲର ଏକ ମୁଖ୍ୟ ସମସ୍ୟା ଅଟେ । ଝାଉଁଳା ରୋଗ ସାଧାରଣତଃ ଫିମ୍ପି ଜନିତ୍ ବା ବୀଜାଣୁ ଜନିତ ହୋଇଥାଏ । ଏହି ରୋଗ ହେଲେ ଫସଲ ଫୁଲ ଆସିବା ପୂର୍ବରୁ ଶୁଖି ନଷ୍ଟ ହୋଇଯାଏ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାଇଗଣ ଫସଲର ଏକ ବୀଜାଣୁ ଝାଉଁଳା ନିରୋଧକ କିସମ ସ୍ୱର୍ଣ୍ଣ ଶ୍ୟାମଳୀ କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି । ଏହି କିସମଟି ରାଞ୍ଚିଠାରେ ଥିବା ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାର ଆଞ୍ଚଳିକ ଗବେଷଣା କେନ୍ଦ୍ର ଦ୍ୱାରା ବିକଶିତ ହୋଇଛି । ଚାଷୀଙ୍କ କ୍ଷେତରେ ୨୬% ଝାଉଁଳା ଦେଖାଯାଇଥିବା ବେଳେ ପ୍ରଦର୍ଶନୀ କ୍ଷେତ୍ରରେ ମାତ୍ର ୬% ଝାଉଁଳା ଦେଖାଯାଇଥିଲା । ଚାଷୀଙ୍କ କ୍ଷେତରୁ ହେକ୍ଟର ପିଛା ୨୪୮ କ୍ୱିଣ୍ଟାଲ ଅମଳ ହୋଇଥିବା ବେଳେ ପ୍ରଦର୍ଶନୀ କ୍ଷେତରୁ ୨୯୧ କ୍ୱିଣ୍ଟାଲ ଅମଳ ହୋଇଥିଲା । ଅନ୍ୟ କିସମ ତୁଳନାରେ ଏହି ସ୍ୱର୍ଣ୍ଣ ଶ୍ୟାମଳୀ କିସମଟି ଅତ୍ୟଧିକ ବର୍ଷା ବା ଅଦିନିଆ ବର୍ଷା ସହି ପାରୁଥିବାରୁ ଚାଷୀମାନଙ୍କ ଗହଣରେ ଏହା ଆଦୃତ ହୋଇପାରିଛି ।

